# NATIONAL NEWS BULLETIN (ODIA)

**16 August - 2024**

**Mid-Day : 1.50 p.m.**

---

## ମୁଖ୍ୟ ସମ୍ବାଦ

- **ପୃଥ୍ବୀ** ପର୍ଯ୍ୟବେକ୍ଷଣ ଉପଗ୍ରହର ସଫଳ ଉତ୍କ୍ଷେପଣ କରିଛି ଇସ୍ରୋ
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧବାର୍ଷିକୀରେ ଆଜି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଦେଶ ।
- କୋଲକାତା ଆର୍.ଜି. କର ମେଡ଼ିକାଲ କଲେଜ ଘଟଣାରେ ଆସନ୍ତାକାଲିଠାରୁ ଭାରତୀୟ ମେଡ଼ିକାଲ ସଂଘ ପକ୍ଷରୁ ୨୪ ଘଣ୍ଟିଆ ସେବା ବନ୍ଦ ଘୋଷଣା ।
- କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ନେଇ ଆଜି କାର୍ଯ୍ୟସୂଚୀ ଘୋଷଣା କରିବେ ନିର୍ବାଚନ ଆୟୋଗ ।

ଏବଂ

- ପରମାଣୁ ପରୀକ୍ଷଣ ଉପରେ ପ୍ରତିବନ୍ଧକ ଜାରି କରିବା ନିମନ୍ତେ ଆହ୍ୱାନ ଦେଲେ ଜାତିସଂଘ ମହାସଚିବ ।

## ଇସ୍ରୋ-ସାଟେଲାଇଟ୍

ଭାରତୀୟ ମହାକାଶ ଗବେଷଣା ସଂସ୍ଥା-ଇସ୍ରୋ ଆଜି **ପୃଥ୍ବୀ** ପର୍ଯ୍ୟବେକ୍ଷଣ ଉପଗ୍ରହର ଉତ୍କ୍ଷେପଣ କରିଛି । ଏହି ଉପଗ୍ରହକୁ କ୍ଷୁଦ୍ର

ଉପଗ୍ରହ ଉତକ୍ଷେପଣ ଯାନ– SSLV ର ତୃତୀୟ ବିକଶିତ ଉଡ଼ାଣ ଜରିଆରେ ମହାକାଶକୁ ପଠାଯାଇଛି । ଏହି ସଫଳତା ପରେ ଭାରତ କ୍ଷୁଦ୍ର ଏବଂ ଛୋଟ ଆକାରର ଉପଗ୍ରହ ମହାକାଶକୁ ପଠାଇବାର କ୍ଷମତା ହାସଲ କରିଛି । ଆଜିର ପ୍ରକ୍ରିୟାରେ ପ୍ରକ୍ଷେପଣ ଯାନର ସମସ୍ତ ୩ଟି ପର୍ଯ୍ୟାୟ ସଫଳଭାବେ କାର୍ଯ୍ୟ କରିଥିଲା । ଉତ୍କ୍ଷେପଣ ପରେ ୨ଟି ଉପଗ୍ରହକୁ ମହାକାଶରେ ୪୭୫ କିଲୋମିଟର ଦୂରରେ ସ୍ଥାପିତ କରାଯାଇଛି ଏବଂ ସେଠାରେ ଉପଗ୍ରହ ଗୁଡ଼ିକର ସୌର ପ୍ୟାନେଲ୍ କାର୍ଯ୍ୟକ୍ଷମ ହୋଇଛି । ପୃଥିବୀ ପୃଷ୍ଠରେ ଥିବା ବିଭିନ୍ନ କେନ୍ଦ୍ର ଜରିଆରେ ଉତ୍କ୍ଷେପଣ କରାଯାଇଥିବା ଉପଗ୍ରହ ଗୁଡ଼ିକର ଗତିବିଧି ଉପରେ ନଜର ରଖାଯାଇଥିବା ଇସ୍ରୋ କହିଛି ।  ଏ ସଂପର୍କରେ ଆମ ଚେନ୍ନାଇ ସମ୍ବାଦଦାତା ଅମନ ଯାଦବଙ୍କ ରିପୋର୍ଟ : **V/O**

ମିଶନ ର ନିର୍ଦ୍ଦେଶକ ଏସ୍.ଏସ୍.ବିନୋଦ କହିଛନ୍ତି ଭାରତୀୟ ମହାକାଶ ଗବେଷଣା ସଂସ୍ଥାର ଏହା ଏକ ମହତ୍ୱପୂର୍ଣ୍ଣ ଉପଲବ୍ଧି । ଉପଗ୍ରହ ନିର୍ଦ୍ଦେଶକ ଏମ୍. ଅବିନାଶ କହିଛନ୍ତି ଏହି ଉତ୍କ୍ଷେପଣ ଦ୍ୱାରା ଗଗନଯାନ ଯୋଜନା ନିମନ୍ତେ ରିମୋଟ୍ ସେନ୍‌ସିଙ୍ଗ୍‌ରୁ ପ୍ରାପ୍ତ ସମସ୍ତ ତଥ୍ୟ ସହାୟତା କରିବ ।

---

# ଇସ୍ରୋ ଚେୟାରମ୍ୟାନ୍-ପ୍ରେସ୍‌ମିଟ୍

ଭାରତୀୟ ମହାକାଶ ଗବେଷଣା ସଂସ୍ଥା-ଇସ୍ରୋ ର ଅଧ୍ୟକ୍ଷ ସୋମନାଥ କହିଛନ୍ତି ଚଳିତବର୍ଷ ଶେଷ ସୁଦ୍ଧା ମାନବ ବିହୀନ ଗଗନଯାନ ଉତ୍କ୍ଷେପଣା ଲାଗି ଉଦ୍ୟମ କରାଯାଉଛି । ଗଣମାଧ୍ୟମ ସହିତ ଆଲୋଚନା ବେଳେ ସେ କହିଛନ୍ତି ଗଗନଯାନରେ ବ୍ୟବହୃତ ହେଉଥିବା ଯନ୍ତ୍ରାଂଶ ସତୀଶ ଧୱନ୍ ମହାକାଶ କେନ୍ଦ୍ରରେ ପହଞ୍ଚି ସାରିଛି ଏବଂ ଉଡ଼ାଣ

ନିମନ୍ତେ ଏହାକୁ ଯୋଡ଼ାଯାଇ ଏକତ୍ର କରାଯିବ । ମହାକାଶ ଗବେଷଣା ପ୍ରତିଷ୍ଠାନର ପ୍ରମୁଖ କହିଛନ୍ତି ମାନବ ମିଶନରେ ମହାକାଶରେ ଯାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ଗାମା କିରଣର ସୀମା ଅଲ୍‌ଟ୍ରା ଭାଓଲେଟ୍ ବିକିରଣର ତୀବ୍ରତା ଏବଂ ବ୍ରହ୍ମାଣ୍ଡୀୟ ଅଲ୍‌ଟ୍ରା ବିକିରଣର ଯାଞ୍ଚ କରିବାକୁ ଥିବା ସେନ୍‌ସର ଗୁଡ଼ିକ ପରୀକ୍ଷା କରାଯିବ ।

ସେ କହିଛନ୍ତି ତାମିଲନାଡୁର କୁଲ୍‌ଶେକରପଟିନାଓ ରେ ଆସନ୍ତା ୨ବର୍ଷ ମଧ୍ୟରେ ମହାକାଶ କେନ୍ଦ୍ର ସ୍ଥାପନ କରାଯିବ । ଶ୍ରୀ ସୋମନାଥ କହିଛନ୍ତି ପଡ଼ୋଶୀ ଦେଶର ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି କ୍ଷୁଦ୍ର ଉପଗ୍ରହ ଉତ୍‌କ୍ଷେପଣ କରାଯିବ । ଭାରତ ଯେକୌଣସି ପ୍ରକାର ଉପଗ୍ରହ ନିର୍ମାଣ ନିମନ୍ତେ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

## ଅଟଳ ପୁଣ୍ୟତିଥି

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଜି ଦେଶ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ନୂଆଦିଲ୍ଲୀସ୍ଥିତ ଅଟଳବିହାରୀ ବାଜପେୟୀଙ୍କ ସମାଧି ସଦୈବ ଅଟଳ ଠାରେ ଏକ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଦୈବ ଅଟଳ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ

ହରିବଂଶ ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଓ ଅନ୍ୟ ପ୍ରମୁଖ ନେତାମାନେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ରାଷ୍ଟ୍ର ନିର୍ମାଣରେ ଅଟଳ ବିହାରୀ ବାଜପେୟୀଙ୍କ ଯୋଗଦାନକୁ ଦେଶ ମନେ ରଖିବ । ସାଧାରଣ ଜନତାଙ୍କ ଜୀବନରେ ଉନ୍ନତି ଆଣିବା କ୍ଷେତ୍ରରେ ବାଜପେୟୀଙ୍କ  ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

---

## ଜେକେ-ଟେରରିଜମ୍

କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ ଓ କାଶ୍ମୀରରେ ପୋଲିସ୍ ପକ୍ଷରୁ ଜାମ୍ମୁ ଅଞ୍ଚଳରେ ଥିବା ୮ଟି ଜିଲ୍ଲାରେ ୧୯ଟି ଆତଙ୍କ ନିରୋଧୀ ଦଳ ଗଠନ କରାଯାଇଛି । ଆମ ସମ୍ବାଦଦାତା ଜଣାଇଛନ୍ତି ଜାମ୍ମୁ ଅଞ୍ଚଳରେ ବୃଦ୍ଧି ପାଉଥିବା ଆତଙ୍କବାଦୀ ଗତିବିଧିର ମୁକାବିଲା ନିମନ୍ତେ ଏହି ଦଳ ଗଠନ କରାଯାଇଛି । ପ୍ରତ୍ୟେକ ଦଳରେ ଆଧୁନିକ ଯନ୍ତ୍ରପାତି ସହ ପ୍ରଶିକ୍ଷଣପ୍ରାପ୍ତ ସୁରକ୍ଷାକର୍ମୀଙ୍କୁ ସାମିଲ କରାଯାଇଛି । ସେଠାକାର ପୋଲିସ୍ ଅଧିକ୍ଷକ ସମସ୍ତ ୧୯ଟିଯାକ ଦଳର ନେତୃତ୍ୱ ନେବେ। ଆତଙ୍କ ନିରୋଧୀ ଦଳ ଗଠନ କରାଯାଇଥିବା ଜିଲ୍ଲାଗୁଡ଼ିକ ହେଉଛି ଉଧମପୁର, କଠୁଆ, ରିୟାସି, ଡୋଡା, କିସ୍ତିଓ୍ୱାଡ଼, ରାମବନ୍, ରାଜୌରୀ ଏବଂ ପୁଞ୍ଚ୍ । ବିଶେଷ କରି ଏହି ଦଳଗୁଡ଼ିକ ପୀର୍ ପଞ୍ଜାଲ୍ ଏବଂ ଚେନାବ୍ ଘାଟୀ ଉପରେ ନଜର ରଖିବ।

---

## ଇସି-ଡିକ୍ଲାରେସନ

ନିର୍ବାଚନ ଆୟୋଗ ଆଜି ଅପରାହ୍ନରେ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ବିଷୟ ଘୋଷଣା କରିବେ । ଏଥିରେ ଆୟୋଗ ଜାମ୍ମୁ କାଶ୍ମୀର

ଏବଂ ହରିଆଣା ବିଧାନସଭା ନିର୍ବାଚନ ନିମନ୍ତେ କାର୍ଯ୍ୟସୂଚୀ ଘୋଷଣା କରିବାର ସମ୍ଭାବନା ରହିଛି । ହରିଆଣା ଏବଂ ଜାମ୍ମୁ କାଶ୍ମୀର ବ୍ୟତୀତ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ମଧ୍ୟ ବିଧାନସଭା ନିର୍ବାଚନ ହେବାର ଅଛି । କିଛିଦିନ ପୂର୍ବେ ନିର୍ବାଚନ ଆୟୋଗର ଏକ ଦଳ ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ନିମନ୍ତେ ଜାମ୍ମୁ କାଶ୍ମୀର ଓ ହରିଆରା ଗସ୍ତ କରିଥିଲେ।

# ଆଇଏମ୍‌ଏ- ର୍ୟାଲି

କୋଲକାତାର ସରକାରୀ ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ପ୍ରଶିକ୍ଷଣପ୍ରାପ୍ତ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଏବଂ ପରେ ଭଙ୍ଗାରୁଜା ଘଟଣାର ପ୍ରତିବାଦରେ ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍ ଆସନ୍ତାକାଲି ସକାଳ ୬ଟାରୁ ସାରା ଦେଶରେ ଅଣ-ଜରୁରୀକାଳୀନ ସେବାକୁ ୨୪ ଘଣ୍ଟିଆ ବନ୍ଦ କରିବାକୁ ଘୋଷଣା କରିଛି। ସମସ୍ତ ଅତ୍ୟାବଶ୍ୟକ ଓ ଜରୁରୀକାଳୀନ ସେବା ଜାରି ରହିବ ବୋଲି ମେଡିକାଲ ଆସୋସିଏସନ୍ ପକ୍ଷରୁ କୁହାଯାଇଛି ।

ସମସ୍ତ ବାହ୍ୟ ବିଭାଗ (ଓପିଡି) ବନ୍ଦ ରହିବ ଏବଂ କୌଣସି ଅସ୍ତ୍ରୋପଚାର କରାଯିବ ନାହିଁ ବୋଲି ଆଇଏମ୍‌ଏ କହିଛି। ଆଇଏମ୍‌ଏ, ରାଜ୍ୟ ୟୁନିଟ୍ ଗୁଡ଼ିକ ସହ ବୈଠକ ପରେ ସାରା ଦେଶରେ ଅଣ-ଜରୁରୀକାଳୀନ ଚିକିତ୍ସା ସେବା ବନ୍ଦ କରିବାକୁ ଆହ୍ୱାନ ଦେଇଛି। ଆଇଏମ୍‌ଏ ମଧ କୋଲକାତା ଡାକ୍ତରଖାନାରେ ହୋଇଥିବା ଭଙ୍ଗାରୁଜାକୁ ନିନ୍ଦା କରିଛି।

କୋଲକାତାରେ ଘଟିଥିବା ଘଟଣାକୁ ବିରୋଧ କରି ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲ, ଲେଡି ହାର୍ଡିଂ ମେଡ଼ିକାଲ କଲେଜ ଓ ଅନ୍ୟ କେତେକ ହସ୍ପିଟାଲର ଡାକ୍ତର ଏବଂ ମେଡ଼ିକାଲ ଛାତ୍ରଛାତ୍ରୀ ବିକ୍ଷୋଭ

ପ୍ରଦର୍ଶନ କରୁଛନ୍ତି । ଇତିମଧ୍ୟରେ ଡାକ୍ତରମାନେ ଜି.ଟି.ବି. ହସ୍ପିଟାଲରୁ ସ୍ୱାମୀ ଦୟାନନ୍ଦ ହସ୍ପିଟାଲ ପର୍ଯ୍ୟନ୍ତ ର୍‍ୟାଲି କରିଥିଲେ ।

## ମହିଳା ମୋର୍ଚ୍ଚା–କ୍ୟାଣ୍ଡେଲ ଶୋଭାଯାତ୍ରା

କୋଲକାତାରେ ଗତ ସପ୍ତାହରେ ଆର୍.ଜି.କର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ଜଣେ ମହିଳା କନିଷ୍ଠ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ପ୍ରତିବାଦରେ ଆଜି ବିଜେପି ମହିଳା ମୋର୍ଚ୍ଚା କୋଲକାତାରେ ଏକ ନୀରବ କ୍ୟାଣ୍ଡେଲ ଶୋଭାଯାତ୍ରା କରିବ । ସନ୍ଧ୍ୟା ୬ଟାରେ ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ବନତି ଶ୍ରୀନିବାସନଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରା ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରୁ ବାହାରିବ। ଏହି ଶୋଭାଯାତ୍ରାରେ ଦଳର ରାଜ୍ୟସଭା ସଦସ୍ୟ ଦର୍ଶନ ସିଂହ, ପଶ୍ଚିମବଙ୍ଗ ପ୍ରଭାରୀ ପୂଜା କପିଲ ମିଶ୍ରଙ୍କ ବ୍ୟତୀତ ସଙ୍ଗୀତା ଯାଦବ, ଗୀତା ଶାକ୍ୟ ଓ ଇନ୍ଦୁବାଳା ଗୋସ୍ୱାମୀଙ୍କ ଭଳି ରାଷ୍ଟ୍ରୀୟ ପଦାଧିକାରୀ ମାନେ ଯୋଗଦେବେ।

## ଡବ୍ଲୁବି ପିଏମ୍ –ଡକ୍ଟର

ଭାରତୀୟ ମେଡ଼ିକାଲ ଆସୋସିଏସନ୍ ର କେତେଜଣ ଚିକିତ୍ସକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଜରିଆରେ କୋଲକାତାରେ ଜଣେ ଡାକ୍ତରୀ ଛାତ୍ରୀଙ୍କ ସହ ହୋଇଥିବା ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ନ୍ୟାୟ ଭିକ୍ଷା କରିଛନ୍ତି । ଅନ୍ୟପକ୍ଷରେ ସୋସାଲିଷ୍ଟ ୟୁନିଟ୍ ସେଣ୍ଟର ଅଫ୍ ଇଣ୍ଡିଆ କମ୍ୟୁନିଷ୍ଟ ପକ୍ଷରୁ ନ୍ୟାୟ ଦାବିରେ ୧୨ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଛି । ଇତିମଧ୍ୟରେ ଆଜି ବିଜେପି ପକ୍ଷରୁ ଅପରାହ୍ନ ୨ଟାରୁ ୪ଟା

ସମୟ ପର୍ଯ୍ୟନ୍ତ କୋଲକାତାରେ ସମସ୍ତ ରାସ୍ତା ଅବରୋଧ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯିବ ।

ଅନ୍ୟପକ୍ଷରେ ଏହି ଘଟଣାର ଯାଞ୍ଚ କରୁଥିବା ସି.ବି.ଆଇ. ଆଜି କୋଲକାତାର ସି.ଜି.ଓ. କଂପ୍ଲେକ୍ସରେ ହସ୍ପିଟାଲର ଅଧୀକ୍ଷକଙ୍କୁ ପଚରା ଉଚରା କରିଥିବା ଜଣାପଡ଼ିଛି ।

## ଉପରାଷ୍ଟ୍ରପତି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜିଠାରୁ ଦୁଇ ଦିନିଆ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ। ଗସ୍ତର ପ୍ରଥମ ଦିନରେ ସେ ହାଇଦ୍ରାବାଦର କାହ୍ନା ଶାନ୍ତିବନମ ପରିଦର୍ଶନ କରିବେ।

ଦ୍ୱିତୀୟ ଦିନରେ ଉପରାଷ୍ଟ୍ରପତି ଆନ୍ଧ୍ରପ୍ରଦେଶର ନେଲ୍ଲୋରସ୍ଥିତ ଅକ୍ଷରା ବିଦ୍ୟାଳୟ କ୍ୟାମ୍ପସ ଓ ଦକ୍ଷତା ବିକାଶ କେନ୍ଦ୍ର, ସ୍ୱର୍ଣ୍ଣ ଇଣ୍ଡିଆ ଟ୍ରଷ୍ଟ ଏବଂ ମୁପ୍ପାଭାରାପୁ ଫାଉଣ୍ଡେସନ ପରିଦର୍ଶନ କରିବେ। ଏହାପରେ ଭେଙ୍କଟଚାଲମ୍ ଠାରେ ସ୍ୱର୍ଣ୍ଣ ଇଣ୍ଡିଆ ଟ୍ରଷ୍ଟର ୨୩ତମ ବାର୍ଷିକ ଉତ୍ସବରେ ସେ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

## ୟୁଏନ୍-ନିଉକ୍ଲିୟର ଟେଷ୍ଟ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ପରମାଣୁ ପରୀକ୍ଷଣ ଉପରେ ପ୍ରତିବନ୍ଧକ ଜାରି କରିବା ନିମନ୍ତେ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି । ଶ୍ରୀ ଗୁଟେରସ୍ କହିଛନ୍ତି ଗତ ଆଠଦଶନ୍ଧିରେ ବିଶ୍ୱର ୬୦ରୁ ଅଧିକ ସ୍ଥାନରେ ୨ ହଜାରରୁ ଅଧିକ ପରମାଣୁ ପରୀକ୍ଷଣ କରାଯାଇଛି, ଯାହା ଅନେକ କ୍ଷେତ୍ରରେ ଧ୍ୱଂସର

କାରଣ ହୋଇଛି । ଆସନ୍ତା ୨୯ ତାରିଖରେ ଅନ୍ତର୍ଜାତୀୟ ପରମାଣୁ ପରୀକ୍ଷଣ ନିରୋଧୀ ଦିବସ ପାଳନ ହେବା ପୂର୍ବରୁ ଶ୍ରୀ ଗୁଟେରସ୍ ପରମାଣୁ ପରୀକ୍ଷଣକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବା ଲାଗି ସମସ୍ତଙ୍କୁ ଏକଜୁଟ ହେବା ନିମନ୍ତେ ଆହ୍ୱାନ ଦେଇଛନ୍ତି ।

## ଥାଇଲ୍ୟାଣ୍ଡ ନିଉ ପିଏମ୍

ଥାଇଲ୍ୟାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଥାକାସିନ ସିନାବାନାଙ୍କ ସାନଝିଅ ପେଟ୍ରୋଗଟାନ ସିନାବାନାଙ୍କୁ ସେଠାକାର ନୂଆ ପ୍ରଧାନମନ୍ତ୍ରୀ ଭାବେ ଚୟନ କରାଯାଇଛି । ୩୭ ବର୍ଷୀୟା ପେଟ୍ରୋଗଟାନ କ୍ଷମତାରେ ଥିବା ଫୁ ଥାଇ ପାର୍ଟିର ନେତା ଏବଂ ଥାଇଲ୍ୟାଣ୍ଡର ଯୁବ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଗତ ବୁଧବାର ଦିନ ପ୍ରଧାନମନ୍ତ୍ରୀ ସେରେଖା ଥାବିସିନଙ୍କୁ ପଦରୁ ହଟାଇ ଦିଆଯିବା ପରେ ନୂଆ ପ୍ରଧାନମନ୍ତ୍ରୀ ଚୟନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

## ଆକାଶବାଣୀ ବୁଲେଟିନ୍

ଆକାଶବାଣୀ ସମାଚାର ବିଭାଗ ପକ୍ଷରୁ ଅପରାହ୍ଣ ୧୨ଟା ୫ ମିନିଟ୍‌ରେ ପ୍ରସାରିତ ହେଉଥିବା ହିନ୍ଦୀ ବୁଲେଟିନ୍ ଚଳିତ ମାସ ୧୮ ତାରିଖରୁ ମଧ୍ୟାହ୍ଣ ୧୨ଟାରେ ପ୍ରସାରିତ ହେବ । ଏହା ପରେ ଇଂରାଜୀ ବୁଲେଟିନ୍ ପ୍ରସାରଣ କରାଯିବ ।

## ଗାଜା-ଯୁଦ୍ଧ ବିରାମ

ଆମେରିକା କହିଛି, ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଯୁଦ୍ଧରେ ୪୦ ହଜାରରୁ ଅଧିକ ପାଲେଷ୍ଟାଇନ୍ ନାଗରିକଙ୍କ ମୃତ୍ୟୁ ହେବା ପରେ ଗାଜା

ପଟି ରେ ଯୁଦ୍ଧ ବିରାମ ଏବଂ ବନ୍ଧକମାନଙ୍କୁ ମୁକ୍ତ କରିବା ଲାଗି ଗତକାଲି ଦୋହା ରେ ଆଲୋଚନା ଆଶାଜନକ ହୋଇଛି । ଏ ସଂପର୍କରେ ସୂଚନା ଦେଇ ଜଣେ ଅଧିକାରୀ କହିଛନ୍ତି ଦୋହା ରେ ସନ୍ଧ୍ୟା ପର୍ଯ୍ୟନ୍ତ ଆଲୋଚନା ଜାରି ରହିଥିଲା ଏବଂ ଆଜି ମଧ୍ୟ ଆଲୋଚନା ହେବା ଆଶା କରାଯାଉଛି । ହ୍ୱାଇଟ୍ ହାଉସ୍‌ର ପ୍ରବକ୍ତା ଜନ୍ କିର୍ବି କହିଛନ୍ତି ଇସ୍ରାଏଲ୍ ଏବଂ ଆମେରିକାର ଅଧିକାରୀମାନଙ୍କ ସହଯୋଗରେ ଦୋହା ରେ ଆଲୋଚନା ଜାରି ରହିଛି । ଏହି ଆଲୋଚନାରେ କତାର, ମିଶର ଏବଂ ହମାସ୍ ର ଅଧିକାରୀମାନେ ଆଲୋଚନାରେ ସାମିଲ ହୋଇ ନାହାନ୍ତି ।

---